● ୩ ନୂଆ ରେଳ ଲାଇନ ପାଇଁ ମାଗଣାରେ ଜମିଦେବେ ରାଜ୍ୟ ସରକାର

## ଜଙ୍ଗଲ ଜମିର ପରିବେଶ ଅନୁମତିକୁ ଅପେକ୍ଷା

ବାରିପଦା, ୧୭ ।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ୩ଟି ନୂଆ ରେଳ ଲାଇନକୁ ମାଗଣା ଜମି ଯୋଗାଇ ଦେବେ ଓଡ଼ିଶା ସରକାର। ଫଳରେ ରାଜ୍ୟର ବିଭିନ୍ନ ଅପହଞ୍ଚ ଅଞ୍ଚଳ ଇଲାକାରେ ମିଳିପାରିବ ପରିବହନ ସୁବିଧା। ଏହି ଅଞ୍ଚଳଗୁଡ଼ିକୁ ଯାତ୍ରୀବାହୀ ଟ୍ରେନ୍ ଚାଲିବା ସହିତ ମାଲବାହୀ ଗାଡ଼ି ବି ଚାଲିପାରିବ। ମୟୂରଭଞ୍ଜ ଜିଲ୍ଲାର ବୁଢ଼ାମରାରୁ ଝାଡ଼ଖଣ୍ଡର ଚାକୁଲିଆକୁ ନୂଆ ରେଳ ଲାଇନ୍ ହେବ। ୬୦ କିଲୋମିଟରର ଲମ୍ବା ଲାଇନ ଓଡ଼ିଶାର ବହୁ ସ୍ଥାନକୁ ଯୋଡ଼ିବ। ବୁଢ଼ାମରା, ଝାଡ଼ପୋଖରିଆ, ନୂଆ ଜାମଶୋଳା, ବାହଳାଗୋଡା ଓ ପୁରୁଣାପାଣି ପ୍ରମୁଖ ଅଞ୍ଚଳ ଦେଇ ଯିବ। ଏହି ଲାଇନ ଓଡ଼ିଶା ଦେଇ ଯାଉଥିବା ଅଞ୍ଚଳରେ ରାଜ୍ୟ ସରକାର ମାଗଣାରେ ଜମି ଦେବାକୁ ରାଜି ହୋଇଛନ୍ତି। ତେବେ ଜଙ୍ଗଲ ଜମିରେ ପରିବେଶ ଅନୁମତି କାମ ଅଟକି ଥିବାରୁ ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷିରୁ ଗୋରୁମହିଷାଣୀ ନୂଆ ରେଳଲାଇନ ହେବ। ଯାହା ନୂଆ ରାଇରଙ୍ଗପୁର, ପାଟୁରା, ବାଙ୍କି, ବିବୋଇ, ଚାରାବନ୍ଧ ପ୍ରମୁଖ ପାଖାପାଖି ୮୬ କିଲୋମିଟର ଅଞ୍ଚଳକୁ ଯୋଡ଼ିବ। ଏହି ନୂଆ ଲାଇନକୁ ମଧ୍ୟ ଓଡ଼ିଶା ସରକାର ମାଗଣା ଜମି ଦେବେ। ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼ ସହ କେନ୍ଦୁଝରଗଡ଼ ୮୨ କିଲୋମିଟର ନୂଆ ରେଳ ଲାଇନ୍‌କୁ ମଧ୍ୟ ରାଜ୍ୟ ସରକାର ମାଗଣା ଜମି ଦେବେ। ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ ଏହି ସୂଚନା ଦେବା ସହିତ ଜଙ୍ଗଲ ଜମିରେ ପରିବେଶ ଅନୁମତି ପାଇଁ ପ୍ରକ୍ରିୟା ଜାରି ରହିଥିବା କୁହାଯାଇଛି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଶୀର୍ଷା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



ସାରସକଣା,୧୭।୫(ସମିସ): ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସାରସକଣା ବ୍ଲକ୍ ଅନ୍ତର୍ଗତ ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସ୍ ହାର ୯୦ ପ୍ରତିଶତ ରହିଛି। ପୂର୍ବ ବର୍ଷ ୬୮.୯୬ ପ୍ରତିଶତ ଥିଲା। ତେଣୁ ଶୀର୍ଷା ଆଦର୍ଶ ବିଦ୍ୟାଳୟ ମୟୂରଭଞ୍ଜ ଜିଲ୍ଲାରେ ଅଭୂତପୂର୍ବ ସଫଳତା ହାସଲ କରି ଗୌରବ ଆଣିଛି। ଲିସା ମହାନ୍ତ ୯୨.୮ ପ୍ରତିଶତ ନମ୍ବର ରଖି ଉଭୟ ବିଦ୍ୟାଳୟ ଓ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଓଏଭି ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ଦ୍ୱାଦଶ ଶ୍ରେଣୀ ଛାତ୍ର ନିର୍ଦ୍ଦେଶ ସାହୁ ୮୨.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ସାଇଓମ ସେଠୀ ୮୦.୨ ପ୍ରତିଶତ ନମ୍ବର୍ ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଲିସା ତାଙ୍କ ସଫଳତାର ଶ୍ରେୟ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ଭବିଷ୍ୟତରେ ମେଡିକାଲ ପଢ଼ିବା ଓ ଡକ୍ଟର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ଜାନା ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମ ପାଇଁ ସର୍ବଦା ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜିଲ୍ଲା ଓ ରାଜ୍ୟରେ ଗୌରବ ଅର୍ଜନ କରିଆସୁଛି ବୋଲି ମତ ପ୍ରକାଶ କରିଛନ୍ତି।

## ମ୍ୟାଟ୍ରିକ୍ କୃତୀ ଛାତ୍ରଙ୍କୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ବର୍ଦ୍ଧନା



ବାରିପଦା, ୧୭ ।୫(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବାରିପଦା ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ଉଚ୍ଚବିଦ୍ୟାଳୟର ଗତ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ତିନିଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାଗୃହରେ ସଭାପତି ମେଜର ଡଃ ରବୀନ୍ଦ୍ର ନାଥ ପରିଡାଙ୍କ ସଭାପତିତ୍ୱ ଓ ଯୁଗ୍ମସମ୍ପାଦକ ସନ୍ତୋଷ କୁମାର କାସ୍ତଙ୍କ ପରିଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବାରିପଦା ପୌରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ପିଲାଙ୍କ କଠିନ ଅଧ୍ୟବସାୟ କିପରି ସଫଳତାର ଶୀର୍ଷରେ ପହଞ୍ଚାଇ ଦିଏ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପ ତାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେବା ପରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଦାନ କରି ସଭା ଉଦଘାଟନ କରିଥିଲେ। ବିଶେଷକରି ଜିଲ୍ଲା ଶିକ୍ଷାଧିକାରୀ ସ୍ୱରଚିତ କବିତା ପାଠ ମାଧ୍ୟମରେ ଛାତ୍ରମାନଙ୍କୁ ପରିଶ୍ରମ ଓ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବୀଣାପାଣି ପଣ୍ଡା ଓ ନଳିନ କୁମାର ଚୌଧୁରୀ, ଉପଦେଷ୍ଟା ରାସେଶ୍ୱର ସାହୁ ଛାତ୍ରମାନଙ୍କୁ ସଦ୍‌ଉପଦେଶ ଦେଇଥିଲେ। ସମ୍ପାଦକ ପ୍ରଦୀପ କୁମାର ପାଣି ଅନୁଷ୍ଠିତ କାର୍ଯ୍ୟକ୍ରମ ଓ ବର୍ଷ ମଧ୍ୟରେ ହେଉଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲା ଟପ୍ପର ବାରିପଦାସ୍ଥ ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ପାର୍ଥସାରଥୀ ମହାନ୍ତ, ବିଦ୍ୟାବିହାର ବାରିପଦାର ଦୁଇ ଛାତ୍ର ସତ୍ୟରଞ୍ଜନ ସାହୁ ଓ ସତ୍ୟଜିତ ବେହେରାଙ୍କୁ ଯଥାକ୍ରମେ ୫୦୦୦, ୪୦୦୦ ଓ ୩୦୦୦ ହଜାର ଅର୍ଥରାଶି ସହ ପ୍ରଶଂସା ପତ୍ର, ଉତ୍ତରୀୟ, ପୁଷ୍ପତାରା, ଗୋଟିଏ ଲେଖାଏଁ ଅଭିଧାନ, କଲମ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତତସହିତ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ସଭ୍ୟ ନକୁଳ ଚନ୍ଦ୍ର ସେନାପତିଙ୍କ ସ୍ୱରଚିତ ପୁସ୍ତକ 'ମା' ମଧ୍ୟ ପ୍ରଦାନ କରାଯାଇଥିଲା। ସଭ୍ୟ ସଞ୍ଜୀବ କୁମାର ଦଣ୍ଡପାଟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲାବେଳେ ସଭ୍ୟ ରତ୍ନାକର ତ୍ରିପାଠୀ ବେଦମନ୍ତ୍ର ଉଚ୍ଚାରଣ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ବୁଢ଼ାବଳଙ୍ଗ ନଦୀର ପଣ୍ଡୁପାଳ ଘାଟ

# ଏନ୍‌ଜିଟିରେ ମାମଲା, ଟ୍ରେଞ୍ଚ ପୋତି ପୁଣି ବାଲି ଚୋରାଚାଲାଣ

ବାରିପଦା, ୧୭ ।୫(ସମିସ):





ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ତହସିଲ ତଥା ଥାନା ଅଞ୍ଚଳ ବୁଢ଼ାବଳଙ୍ଗ ନଦୀର ପଣ୍ଡୁପାଳ ଓ ତେନ୍ତୋଳ ନଦୀ ଘାଟ ଲକ୍ଷାଧିକ କ୍ୟୁବିକ୍ ମିଟର ବାଲି ବେଆଇନ ଭାବେ ଖନନ କରାଯାଉଥିବା ଅଭିଯୋଗକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ କୋଲକାତାରେ ଏକ ମାମଲା ରୁଜୁ ପରେ ଏକ ଯୁଗ୍ମ କମିଟି ଗଠନ କରି ତଦନ୍ତ କରିବା, ଖନନ ପରିମାଣ ଓ ପରିବେଶ କ୍ଷତିର ମୂଲ୍ୟାଙ୍କନ କରିବା, କ୍ଷତିପୂରଣ ଆଦାୟ କରିବା, ବେଆଇନ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ଜିଲ୍ଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ୧୩ ତାରିଖ ବୁଧବାର ଦିନ ଖଣି, ରାଜସ୍ୱ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରିଥିଲେ। ପଣ୍ଡୁପାଳ ନଦୀ ଶଯ୍ୟାରେ ନିର୍ମିତ ଅସ୍ଥାୟୀ ପୋଲ ଭାଙ୍ଗିବା ସହିତ ସଂଯୋଗକାରୀ ରାସ୍ତାରେ ଟ୍ରେଞ୍ଚ ଖୋଳିଥିଲେ। ଦୁଇଦିନ ପରେ ଚୋରା ବାଲି ଚାଲାଣକାରୀ ଟ୍ରେଞ୍ଚ ପୋତି ପୁନର୍ବାର ବେଧଡକ ବାଲି ଚାଲାଣ ଆରମ୍ଭ କରିଦେଇଛନ୍ତି। ଯାହାକି ଖଣି, ରାଜସ୍ୱ ଓ ପୁଲିସ ବିଭାଗ ପ୍ରତି ଖୋଲାଖୋଲି ଚ୍ୟାଲେଞ୍ଜ ହୋଇଛି। ଏକ ଗୋଷ୍ଠୀ ପ୍ରତି ଟ୍ରାକ୍ଟର ପିଛା ମାସିକ ୩୫୦୦ଟଙ୍କା ଲାଞ୍ଚ ଦେଇ ପ୍ରଶାସନ ମୁହଁରେ ତୁଣ୍ଡି ଦେବାରେ ସଫଳ ହୋଇଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

ଏନଜିଟି ମାମଲା ପୂର୍ବରୁ ଏହି ଘାଟରେ ବେଧଡକ ଚୋରାକାରବାର ଚାଲିଥିଲା। କେବଳ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ଟ୍ରେଞ୍ଚ ଖୋଳିଥିଲେ ହେଁ ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ଜେସିବି, ଟ୍ରାକ୍ଟର ଜବତ କରି ନ ଥିଲେ। ସେହିପରି ଅନ୍ୟ ଘାଟ ତେନ୍ତୋଳରେ ଟ୍ରେଞ୍ଚ ଖୋଳାଯାଇ ନ ଥିବାରୁ ସେଠାରେ ମଧ୍ୟ ରଙ୍ଗପାଣି-ତେନ୍ତୋଳ ବୁଢ଼ାବଳଙ୍ଗ ସେତୁ ତଳୁ ବାଲି ଉତ୍ତୋଳନ ଜାରି ରହିଛି। ଫଳରେ ଦୀର୍ଘଦିନର ଦାବି ପରେ ନିର୍ମିତ ପୋଲ ପ୍ରତି ବିପଦ ସୃଷ୍ଟି କରୁଛି। ସବୁଠୁ ଆଶ୍ଚର୍ଯ୍ୟ ବିଷୟ ବଡ଼ସାହି ତହସିଲ ଓ ଥାନା ଅଧୀନରେ ପ୍ରତାପପୁର, ମାଧପୁର, ବର୍ଡନା, ତେନ୍ତୋଳ, ଜଳନଣ୍ଡ, ବିଦ୍ୟାଧରଖୁଣ୍ଟା, ଚନ୍ଦନପୁର, ସର୍ବେଶ୍ୱରପୁର, ମହୁପୁରା, କୁଲକୋଠା ଓ ମିରିଗିଦାରୀ ଘାଟରୁ ଦିନରାତି ଶହଶହ ଟ୍ରାକ୍ଟରରେ ବେଆଇନ ବାଲି ଉତ୍ତୋଳନ ହୋଇ ବୈଶିଙ୍ଗା ଓ ବେତନଟୀ ଥାନା ଅଞ୍ଚଳ ଦେଇ ଡମ୍ଫର ଓ ହାଇୱାରେ ବାହାରକୁ ଚାଲାଣ ହେଉଥିଲେ ହେଁ ପୁଲିସ, ରାଜସ୍ୱ ଓ ଖଣି ବିଭାଗ ସମନ୍ୱୟ ଅଭାବ ବା ଅନ୍ୟ କେଉଁ କାରଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବାଲିମାଫିଆ ଦିନରାତି ମେସିନ ମାଧ୍ୟମରେ ବୁଢ଼ାବଳଙ୍ଗ ନଦୀ ବିଦାରି ସାରିଲେଣି। ରଙ୍ଗପାଣି-ତେନ୍ତୋଳ ଓ କୁଳିଅଣା-ବର୍ଡନା ସେତୁ ଦୁଇଟି ଏବେ ବିପଦସଙ୍କୁଳ ହୋଇ ପଡିଥିବାବେଳେ ନଦୀ ସଂଲଗ୍ନ ୧୩ଟି ଗାଁ ବିପଦ ମୁହଁରେ ରହିଛି। ଆଗକୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବୁଢ଼ାବଳଙ୍ଗର ଗୋଟିଏ ବନ୍ୟା ଧ୍ୱଂସ କରିବ, ଏଥିରେ ସନ୍ଦେହ ନାହିଁ।

## ଦୁଇ ଛେଳି ଚୋର ଗିରଫ

ବୈଶିଙ୍ଗା,୧୭।୫(ସମିସ): ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମ ଉପକଣ୍ଠ ପଡ଼ିଆରେ ଚରୁଥିବା ଛେଳି ଚୋରି କରି ଚମ୍ପଟ ମରିବା ବେଳେ ମାଡ଼ିବସିଲେ ଗ୍ରାମବାସୀ। ଅଭିଯୋଗ ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ। ଦୁର୍ଗାପୁର ଗ୍ରାମର ଅତୁଳ ସେନାପତି ପାଳିଥିବା ୪ଟି ଛେଳି ନେଇ ପାଖ ପଡ଼ିଆରେ ଚରାଉଥିଲେ। ଗୋଟିଏ ଛେଳି ଚରୁ ଚରୁ ଅତୁଳଙ୍କଠାରୁ ଟିକେ ଦୂର ରାସ୍ତା ପାର୍ଶ୍ୱକୁ ପଳାଇଯାଇଥିଲା। ସେତିକି ବେଳେ ୨ ଜଣ ଦୁର୍ବୃତ୍ତ



ବାଇକ୍‌ରେ ଆସି ରାସ୍ତା ପାଶ୍ୱର୍ ଛେଳିକୁ ଉଠାଇ ନେଇ ପଣସିଆ ରାସ୍ତାରେ ଖସିଯିବାକୁ ବସିଥିବାବେଳେ ଅତୁଲ ଡାକ ପକାଇବାରୁ ଦୂରରେ ଥିବା ଗ୍ରାମବାସୀ ୨ ଦୁର୍ବୃତ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଶିବ ମନ୍ଦିର ପାଖରେ ମାଡ଼ିବସି ଉତ୍ତମ ମଧ୍ୟମ ଦେଇଥିଲେ। ପରେ ୨ ଜଣଙ୍କୁ ବୈଶିଙ୍ଗା ପୁଲିସକୁ ହସ୍ତାନ୍ତର କରିଥିଲେ ଓ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ ମାମଲା ରୁଜୁ କରି ବାଇକ୍ ଜବତ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅଲ୍ ଇଣ୍ଡିଆ ଟପ୍ପରକୁ ମାନବ ଧର୍ମ ସେବା ଟ୍ରଷ୍ଟର ସମ୍ବର୍ଦ୍ଧନା



ବାରିପଦା, ୧୭ ।୫(ସମିସ): ବାରିପଦା ବ୍ଲକ ଅନ୍ତର୍ଗତ କ୍ଷେତ୍ରପାଟଣା ଗ୍ରାମ (ମୁନିସୀବନ୍ଧ ନିକଟସ୍ଥ) ବାସିନ୍ଦା ଅଜିତ କୁମାର ପାଲବାବୁ ଓ ସୁମିତ୍ରା ପାଲବାବୁଙ୍କ କନ୍ୟା ପ୍ରିୟା ପାଲବାବୁ ଚଳିତ ବର୍ଷ ସିବିଏସଇ ବାଣିଜ୍ୟ ବିଭାଗରେ ସର୍ବାଧିକ ନମ୍ବର ରଖି ଅଲ ଇଣ୍ଡିଆ ଟପ୍ପର ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବାରିପଦାର ମାନବ ଧର୍ମ ସେବା ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ସୋମନାଥ ସିଂହ, ପ୍ରତିଷ୍ଠାତା ନିରୋଜ କୁମାର ପୋଥାଳ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହିମାଂଶୁ ଶେଖର ପ୍ରହରାଜ ତାଙ୍କ ଘରକୁ ଯାଇ ପ୍ରିୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରିୟା ଭବିଷ୍ୟତରେ ଜଣେ ସଫଳ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ଟ୍ରଷ୍ଟର କର୍ମକର୍ତ୍ତା ତାଙ୍କର ସଫଳତା କାମନା କରିଥିଲେ।

## ବଡ଼କୁଲେଇବିରା ଗ୍ରାମରୁ ଚୋରି

ରାଇରଙ୍ଗପୁର,୧୭।୫(ସମିସ): ଜାମଦା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଚୋରି ହୋଇଛି। ଏ ନେଇ ବଡ଼କୁଲେଇବିରା ଗ୍ରାମର କାରୁ ମୁର୍ମୁ ଜାମଦା ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆଲମାରୀ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଲଙ୍କାର ଓ ନଗଦ ୩୦,୦୦୦ ଟଙ୍କା ଚୋରି କରିଛନ୍ତି। ଘରକୁ ଫେରି ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଚୋରି ମାତ୍ରା ବୃଦ୍ଧି ପାଇଥିବାବେଳେ ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୭।୫(ସମିସ): ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଯଶିପୁର ଥାନା ଅନ୍ତର୍ଗତ ସୁଆଁପାଳ ଗ୍ରାମର ନମନ୍ତି ଦୁଗୀ ମୁଣ୍ଡୁ (୬୪)। ସେ ଗ୍ରାମ ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏ ସମୟରେ ଏକ ଦ୍ରୁତଗାମୀ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଯଶିପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ପରିବାର ଲୋକେ ଯଶିପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କାର୍ ଛାଡ଼ି ବିଦ୍ୟୁତ୍‌ଚାଳିତ ରିକ୍ସାରେ ସୁଦାମ



ବାରିପଦା,୧୭ ।୫(ସମିସ): ବର୍ତ୍ତମାନ ସମଗ୍ର ଭାରତ ବର୍ଷ ସହ ଆମ ରାଜ୍ୟ ଓଡ଼ିଶା ତେଲର ଘୋର ଅଭାବ ଦେଇ ଗତି କରୁଛି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡି ମଧ୍ୟ ବାଦ୍ ପଡିନାହାଁନ୍ତି। ବାରିପଦାରେ ପେଟ୍ରୋଲ, ଡିଜେଲର ଘୋର ଅଭାବ ହେତୁ ପୂର୍ବତନ ମନ୍ତ୍ରୀ ନିଜ ଫରଚ୍ୟୁନର କାର୍ ଛାଡି ବିଦ୍ୟୁତଚାଳିତ ରିକ୍ସା (ଟଟ)ରେ ସହରର ବିଭିନ୍ନ ସ୍ଥାନ ବୁଲି ସାଧାରଣ ଜନତାଙ୍କ ସହ ମିଶିଛନ୍ତି। ଏହା ସହରରେ ଆଲୋଚନାର ବିଷୟ ହୋଇଛି।

## ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ୧୪ ଜଣ କୃତକାର୍ଯ୍ୟ

ମହୁଲଡିହା,୧୭।୫(ସମିସ): ଠାକୁରମୁଣ୍ଡା ବ୍ଲକ୍‌ର ଜାତୀୟ ଆୟଭିତ୍ତିକ ମେଧାବୃତ୍ତି (ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷାରେ ୪ଟି ବିଦ୍ୟାଳୟରୁ ୧୪ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଜଡିବିଲ ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ମୋହିତ ପାତ୍ର, ଉଦୟ ମାଝୀ, ରିତେଶ ହାଁସଦା, ବାବୁସାନ ସାମାଡ ଓ ସାୱାନ ଜଜ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟରୁ ୬ ଜଣ ବାଳିକା ସଫଳ ହୋଇଛନ୍ତି। ସଫଳତା ପାଇଥିବା ଛାତ୍ରୀ ସ୍ମୃତିରେଖା ମହାନ୍ତ, ଅନୁସ୍ମିତା ମହାନ୍ତ, ଶୁଭଶ୍ରୀ ସଂଗୀତା ମହାନ୍ତ, ଆଦ୍ୟାଶା ନାଏକ, ଚାନ୍ଦୁମଣି ପୂର୍ତ୍ତି ଓ ସ୍ୱାତୀ ସୁଲଗ୍ନା ନାଏକ। ଠାକୁରମୁଣ୍ଡା ସରକାରୀ ଉଚ୍ଚ ରାଥମିକ ବିଦ୍ୟାଳୟରୁ ୨ ଛାତ୍ର ମେହେମୁଦ୍ ଆଲ୍ଲାମ୍ ଓ ହରି ଶଙ୍କର ମହାନ୍ତ, ଗୋପବନ୍ଧୁ ଜୟନ୍ତୀ ଉଚ୍ଚବିଦ୍ୟାଳୟର ଜଣେ ଛାତ୍ର ଓମ ପ୍ରକାଶ ମହାନ୍ତ ଏହି ସଫଳତା ହାସଲ କରିଛନ୍ତି। ସେମାନଙ୍କ ବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



ବାରିପଦା,୧୭ ।୫(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷଣା କରାଯାଇଛି। ଦଳରେ ବ୍ରିଜେଶ ମିଶ୍ର (ଅଧିନାୟକ), ରୋଶନ ଚୌଧୁରୀ (ଉପଅଧିନାୟକ), ସାହିଲ କୁମାର ମହାନ୍ତ, ସୁରେଇ ହେମ୍ବ୍ରମ, ବିଶ୍ୱପ୍ରକାଶ ସାହୁ, ପ୍ରିୟଙ୍କ ପଟ୍ଟନାୟକ, ରୁଚିକା ମଣ୍ଡଳ, ଦେବଶକ୍ତି ଗିରି, ଶୁଭମ ମହାନ୍ତ, ମହେନ୍ଦ୍ର ଦେ, ଗମ୍ଭୀର ମହାନ୍ତ, ଆଲୋକ ନାୟକ, ଅବିନାଶ ଦାସ, ଶମ୍ଭୁନାଥ ମୁଣ୍ଡା, ଆୟୁଷ ଗିରି, ସନ୍ଦୀପ ଶିବ ହାଁସଦା, ରୋହିତ ପିଙ୍ଗୁଆ, ତନ୍ମୟ ସାହୁ, ଅବତାର ମହାପାତ୍ର ଓ ହିମାଂଶୁ ନାୟକ ସାମିଲ ଅଛନ୍ତି ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ସୁନୀଲ ଜେନା, ସଞ୍ଜୟ ମାଇତି, ପ୍ରଭାସ ଘଡେଇ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର କୋଷାଧ୍ୟକ୍ଷ ଅମିତାଭ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଟୁର୍ଣ୍ଣାମେଣ୍ଟରେ ଦଳର ସଫଳତା କାମନା କରିଥିଲେ। ମୟୂରଭଞ୍ଜ ପ୍ରଥମ ମ୍ୟାଚ୍ ମାଲକାନଗିରି ସହ ୨୦ ତାରିଖ ଦିନ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି।

ଶିମିଳିପାଳ ମଧ୍ୟ ଗ୍ରାମରେ ଆଧାର କାର୍ଡ ବାଧକ

# ଆଧାର କାର୍ଡ ନ ଥିବାରୁ ମିଳୁନି ଶିକ୍ଷା ଓ ସରକାରୀ ସହାୟତା

ରାଇରଙ୍ଗପୁର,୧୭।୫(ସମିସ):

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପିଢ଼ ଉପଖଣ୍ଡର ହଜାର ହଜାର ନାବାଳକ ଓ ନାବାଳିକାଙ୍କ ଆଧାର କାର୍ଡ ହୋଇନାହିଁ। ଫଳରେ ସେମାନଙ୍କର ଶିକ୍ଷା ଗ୍ରହଣ କରିବାରେ ବାଧକ ସାଜିବା ସହ ସେମାନଙ୍କୁ କୋଣସି ସରକାରୀ ସୁବିଧା ମିଳିପାରୁନାହିଁ। ଏପରି ଅବସ୍ଥା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଘଞ୍ଚ ଜଙ୍ଗଲରେ ଥିବା ଗୁଡଗୁଡ଼ିଆ, ବରେହିପାଣି ଓ ଅସ୍ତକୁଅଁର ଆଦି ପଞ୍ଚାୟତରେ ଦେଖିବାକୁ ମିଳିଛି। ଖୋଦ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଅଞ୍ଚଳରେ ପିଲାଙ୍କ ବିକାଶ ଅସମ୍ଭବ ହୋଇପଡିଛି। ଉକ୍ତ ଗ୍ରାମଗୁଡ଼ିକରେ ବସବାସ କରୁଥିବା ହଜାର ହଜାର ସଂଖ୍ୟକ ନାବାଳକ ଓ ନାବାଳିକାଙ୍କ ଆଧାର କାର୍ଡ ନାହିଁ। ସ୍ଥାନୀୟ ଅଞ୍ଚଳରେ ଆଧାର କାର୍ଡ ବନାଇବା ନିମନ୍ତେ ସରକାରୀ ସ୍ତରରେ କୋଣସି ସୁବିଧା ଯୋଗାଇ ଦିଆଯାଇନାହିଁ। ଆଧାର ନ ଥିବାରୁ ଉକ୍ତ ପିଲାଙ୍କ ନିମନ୍ତେ କୌଣସି ଯୋଜନା ମିଳିପାରୁନାହିଁ। ଏମିତିକି ଶିକ୍ଷା ଗ୍ରହଣ ନିମନ୍ତେ ବାଧକ ସାଜିଛି। ଉକ୍ତ ପିଲାଙ୍କ ପରିବାର ଜଙ୍ଗଲ ଉପରେ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ତେଣୁ ସେମାନେ ଆର୍ଥିକ ଭାବେ ଅନଗ୍ରସର ଅଟନ୍ତି। ଅର୍ଥାଭାବ ଯୋଗୁଁ ସ୍ଥାନୀୟ ମୁଖ୍ୟାଳୟ ଯଶିପୁର ଅଞ୍ଚଳକୁ ଯାଇ ଆଧାର କାର୍ଡ ପ୍ରସ୍ତୁତ କରିବା ଅସମ୍ଭବ ଅଟେ। ଆଧାର କାର୍ଡ ବନାଇବାକୁ ଗଲେ ଉକ୍ତ ଦିନ ଘରକୁ ଫେରିବା ବିପଦଜନକ

● ହଜାର ହଜାର ପିଲାଙ୍କ ନାହିଁ ଆଧାର କାର୍ଡ
● ଅର୍ଥାଭାବ ଯୋଗୁଁ ମୁଖ୍ୟାଳୟ ଆସି ଆଧାର କାର୍ଡ କରିବା ଅସମ୍ଭବ
● ସ୍ଥାନୀୟ ଅଞ୍ଚଳରେ ସେବା ଉପଲବ୍ଧ ପାଇଁ ଭଞ୍ଜସେନାର ଦାବି

ଅଟେ। ତେଣୁ ପରିବାର ଲୋକଙ୍କୁ ନେଇ ଯଶିପୁର ରହି ଆଧାର କାର୍ଡ ବନାଇବା କଷ୍ଟସାଧ୍ୟ ଅଟେ। ଏହାର ସମାଧାନ ନିମନ୍ତେ ଭଞ୍ଜସେନା ପକ୍ଷରୁ ଦାବି କରାଯାଇଛି। ଯାହାକୁ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଆଧାର ନ ଥିବାରୁ ପିଲାମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବା ସହ ତାଙ୍କ ଭବିଷ୍ୟତ ଅନ୍ଧକାର ହେଉଛି। ତେଣୁ ସୁବିଧା ନିମନ୍ତେ ୩ଟି ପଞ୍ଚାୟତର ମଧ୍ୟସ୍ଥଳୀ ବରେହିପାଣି ଛକରେ ଏକ ଅସ୍ଥାୟୀ ଆଧାର ବାୟୋମେଟ୍ରିକ୍ସ ସେଣ୍ଟର ଖୋଲିବାକୁ ଅନୁରୋଧ କରିଛନ୍ତି।

## ଆସାମ ଯୁବକଙ୍କୁ ପରିବାରକୁ ହସ୍ତାନ୍ତର କଲା ରାସଗୋବିନ୍ଦପୁର ପୁଲିସ

ରାସଗୋବିନ୍ଦପୁର,୧୭।୫(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ କମାରଡିହ ପଞ୍ଚାୟତ ଅଞ୍ଚଳରେ ବୁଲୁଥିବା ଜଣେ ଅଜଣା ଯୁବକଙ୍କୁ ଉଦ୍ଧାର କରି ରାସଗୋବିନ୍ଦପୁର ପୁଲିସ ମାନବିକତାର ପରିଚୟ ଦେଇଛି। ପୁଲିସ ଯୁବକଙ୍କୁ ଚିକିତ୍ସା ଓ ଯତ୍ନ ଦେବା ପରେ ତାଙ୍କ ପରିବାରକୁ ସୁସ୍ଥ ଅବସ୍ଥାରେ ହସ୍ତାନ୍ତର କରିଛି। ଉଦ୍ଧାର ହୋଇଥିବା ଯୁବକ ଆସାମର କାରବି ଆଙ୍ଗଲୋ ଜିଲ୍ଲା ଖେରନି ଥାନା ଅନ୍ତର୍ଗତ ବୁଗୁରି ଘାଟ ଗ୍ରାମର ରାଜୁ ହରିଜନ (୩୯)। ସେ କେରଳ ଯିବାକୁ ଗୌହାଟୀରୁ ବିବେକ ଏକ୍ସପ୍ରେସ ଟ୍ରେନରେ ଯାତ୍ରା କରୁଥିଲେ। ତେବେ କୌଣସି ଅସାଧୁ ବ୍ୟକ୍ତିଙ୍କଠାରୁ କିଛି ଖାଇବା ପରେ ସେ ନିଜ ଗନ୍ତବ୍ୟସ୍ଥଳ ଓ ପରିଚୟ ସମ୍ପର୍କରେ ସ୍ମୃତିଭ୍ରମରେ ପଡ଼ିଥିଲେ।



ପରେ ସେ ବସ୍ତା ଷ୍ଟେସନ ଅଞ୍ଚଳରୁ ବୁଲି ବୁଲି କମାରଡିହା ଅଞ୍ଚଳରେ ପହଞ୍ଚିଥିଲେ। ସେଠାରେ ସନ୍ଦିଗ୍ଧ ଭାବେ ବୁଲୁଥିବା ଦେଖି ସ୍ଥାନୀୟ ଲୋକ ରାସଗୋବିନ୍ଦପୁର ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ପରିବାର ସହ ଯୋଗାଯୋଗ କରିଥିଲେ। ପ୍ରାୟ ତିନିଦିନ ଧରି ପୁଲିସ ହେପାଜତରେ ରଖି ଚିକିତ୍ସା, ଖାଦ୍ୟ ଓ ଯତ୍ନ ନେବା ପରେ ଯୁବକଙ୍କୁ ତାଙ୍କ ଭାଇ ଅବଧେଶ ରାମ ଓ ସ୍ତ୍ରୀ ମଧୁ କୁମାରୀଙ୍କ ହାତରେ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି। ରାସଗୋବିନ୍ଦପୁର ପୁଲିସର ଏହି ମାନବିକତାପୂର୍ଣ୍ଣ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

